## ଷୋଡ଼ଶ ପୂଜା ଆରମ୍ଭ

# ଚଣ୍ଡିପାଠରେ କମ୍ପୁଛି ଶକ୍ତିପୀଠ







### ମା' ନାରାୟଣୀ

ସାନଖେମୁଣ୍ଡି,୧୪।୯(ସମିସ): ସାନଖେମୁଣ୍ଡି ବ୍ଲକର ବିଭିନ୍ନ ଶକ୍ତିପୀଠରେ ରବିବାର ଠାରୁ ଷୋଡ଼ଶ ପୂଜା ଆରମ୍ଭ ହୋଇଛି। ସାନଖେମୁଣ୍ଡିର ଆରାଧ୍ୟ ଦେବୀ ମା'ନାରାୟଣୀଙ୍କ ଷୋଡ଼ଶ ଉପଚାର ପୂଜା ବିଧି ଅନୁଯାୟୀ ଆରମ୍ଭ ହୋଇଛି। ମା'ଙ୍କ ସକାଳ ଧୂପ ପରେ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରୁଛନ୍ତି। ମନ୍ଦିର ମୁଖ୍ୟ ପୂଜକ ଜଗନ୍ନାଥ ରଣା, ଷୋଡଶ ପୂଜାର ପୂଜକ ଜଗନ୍ନାଥ ରଥ, ଅକ୍ଷୟ ଷଡ଼ଙ୍ଗୀ, କାଳୀଚରଣ କର, ମନ୍ଦିର କମିଟି ସଭାପତି ରଘୁନାଥ ପ୍ରଧାନ, କୋଷାଧ୍ୟକ୍ଷ କିରଣ କୁମାର ବରାଡ଼, ସହ ପରିଚାଳକ ଚିନ୍ମୟ ଆଚାରୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୧୬ ଦିନର ପୂଜା ସମୟରେ ମା'ଙ୍କୁ ବିଭିନ୍ନ ମନ୍ତ୍ର ତନ୍ତ୍ରରେ ଆବାହନ କରାଯାଇଥାଏ। ପ୍ରତ୍ୟେକ ଦିନ ମା' ଭିନ୍ନ ଭିନ୍ନ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ମା'ଙ୍କୁ ବିଭିନ୍ନ ବେଶରେ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

### ମା' କନକଦୁର୍ଗା

ହିଞ୍ଜିଳିକାଟୁ, ୧୪।୯(ସମିସ): ହିଞ୍ଜିଳିକାଟୁର ପ୍ରସିଦ୍ଧ ଦେବୀପୀଠ ମା' କନକ ଦୁର୍ଗାଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା ରବିବାର ଠାରୁ ଆରମ୍ଭ ହୋଇଛି। ଏଥି ନିମନ୍ତେ ହିଞ୍ଜିଳିକାଟୁ ମା' ଶ୍ୟାମଳାଇ, ମା' ତାରାତାରିଣୀ ପୀଠ, ସହ ଆଖପାଖ ଅଞ୍ଚଳର ସମସ୍ତ ଦେବୀପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଷୋଡ଼ଶ ଉପଚାର ପୂଜା ନିମନ୍ତେ ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଷୋହଳ ଦିନ ପର୍ଯ୍ୟନ୍ତ ମା' କନକ ଦୁର୍ଗା ବିଭିନ୍ନ ବେଶରେ ଦର୍ଶନ ଦେବେ। ଷୋଡ଼ଶ ପୂଜା ଉପଲକ୍ଷେ ଦେବୀଙ୍କ ନିମନ୍ତେ ସ୍ୱତନ୍ତ୍ର ପୂଜା ନୀତିକାନ୍ତି ଆୟୋଜନ କରାଯାଇଛି। ରବିବାର ଭୋର ୪ଟାରେ ମଙ୍ଗଳ ଆଳତି, ସାଢେ ୫ଟାରେ କାଠିଆ ସେବା, ଦିନ ୧୧ଟା ବେଳେ ଦେବୀଙ୍କ ମାର୍ଜନା ପରେ ଭୋଗ ଲାଗି ହୋଇଥିଲା। ଅପରାହ୍ନରେ ଦେବୀଙ୍କୁ ସୁନା ବେଶରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ଆଳତି ଓ ରାତି ୧୨ଟାରେ ଦେବୀଙ୍କୁ ଭୋଗ ଲାଗି ହୋଇଥିବା ସନ୍ତୋଷ ମୁନି, ଦେବେନ୍ଦ୍ର ମୁନି, ଟୁନା ମୁନି, ସୀମାଞ୍ଚଳ ମୁନି, ନାରାୟଣ ମୁନି, ଗୋଲକ ବିହାରୀ ମୁନି, ମୁନା ମୁନି, ଦିଲ୍ଲୀପ ମୁନି କହିଛନ୍ତି। ସେହିପରି ଷୋଡ଼ଶ ପର୍ବ ଉପଲକ୍ଷେ ମନ୍ଦିରରେ ସୂର୍ଯ୍ୟପୂଜା, ଅଭିଷେକ ଓ ସ୍ୱାସ୍ଥ୍ୟ ପୂଜା ଆଳତି ହେବ ବୋଲି ଆଚାର୍ଯ୍ୟ ଶରତ ଚନ୍ଦ୍ର ଷଡ଼ଙ୍ଗୀ ଓ ଦୀପ୍ତିରଞ୍ଜନ ମହାପାତ୍ର, ଶଙ୍କର୍ଷଣ ପାଠୀ କହିଛନ୍ତି। ପ୍ରତ୍ୟେକ ଦିନ ଚଣ୍ଡୀପାଠ ସହ ଯଜ୍ଞ ନିମନ୍ତେ ପ୍ରବଳ ଜନସମାଗମ ହେଉଛି।

### ମା' ତାରାତାରିଣୀ

ପୁରୁଷୋତ୍ତମପୁର,୧୪।୯(ସମିସ): ମା' ତାରା ତାରିଣୀଙ୍କ ପୀଠରେ ଷୋଡ଼ଶ ପୂଜା ରବିବାର ରାତ୍ର ପବିତ୍ର ଆଶ୍ୱିନ କୃଷ୍ଣ ପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଛି। ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀରେ ମା' ସୁଖ ଶୟନ କକ୍ଷକୁ ଯାଇଥିଲେ। ପବିତ୍ର ମୂଳାଷ୍ଟମୀରେ କଡ଼ଲେଉଟି ଉଠିଛନ୍ତି। ମା' ଉଠିବା ପରେ ମା'ଙ୍କୁ ଜାଗ୍ରତ କରିବାକୁ ତାଙ୍କର ପ୍ରତିମାକୁ ସ୍ନାନ ବେଦୀକୁ ଅଣାଯାଇଥିଲା। ମା'ଙ୍କ ସ୍ନାନ ନିମନ୍ତେ ପବିତ୍ର ଋଷିକୁଲ୍ୟାରେ ପୂଜାର୍ଚ୍ଚନା କରି ସେବାୟତଙ୍କ ପରିବାର ବୋହୂମାନେ ୯୯୯ପାହଚ ଚଢ଼ି ଆଣିଥିବା ୧୦୮ଗରା ବିଶୁଦ୍ଧ ଜଳରେ ସ୍ନାନ କରାଇ ପୁଣି ଗର୍ଭଗୃହକୁ ନିଆଯାଇ ସଂକଟ ତାରିଣୀ ସହ ମହାସ୍ନାନ କରାଯାଇଥିଲା। ମହାସ୍ନାନ ପରେ ମା'ଙ୍କୁ ଯଜ୍ଞମଣ୍ଡପକୁ ଅଣାଯାଇ ମା'ଙ୍କ ମୁଖ୍ୟ ପୁରୋହିତ ପଣ୍ଡିତ ନୀଳମାଧବ ତ୍ରିପାଠୀ ପରମ୍ପରା ଅନୁସାରେ ସମସ୍ତ ପୂଜାର୍ଚ୍ଚନା କରି ରାତ୍ରରୁ ଚଣ୍ଡୀପାଠ ଓ ପୂଜା ଆରମ୍ଭ କରିଛନ୍ତି। ଏଥିରେ କର୍ତ୍ତା ଭାବେ ସେବାୟତ ସଂଘ ସଭାପତି ତପନ କୁମାର ରଣା ରହିଥିବା ବେଳେ ସେବାୟତ ବାପୁଜୀ ରଣା, ଧ୍ରୁବରଣାଙ୍କ ସମେତ ସମସ୍ତ ସେବାୟତ ପୂଜା କାର୍ଯ୍ୟରେ ଲାଗିଛନ୍ତି। ଏହି ଷୋହଳ ଦିନକ ପୂଜାରେ ଦିନକୁ ତିନିଥର ଚଣ୍ଡୀପାଠ ସହ ମା'ଙ୍କ ପୂଜା କରାଯାଇଛି। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ନିର୍ବାହୀ ଅଧିକାରୀ ଟି. କେ. ରେଡ଼ିଙ୍କ ସହ ପୁଲିସ ଫୋର୍ସ ମୁତୟନ ରହି ଟ୍ରାଫିକ ଓ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ଲାଗିଛନ୍ତି। କିନ୍ତୁ ମା'ଙ୍କ ଷୋଡଶ ପୂଜାରେ ଜନଗହଳି ରହିଥିଲେ ମଧ୍ୟ ମନ୍ଦିର ବେଢ଼ା ସମ୍ପୂର୍ଣ୍ଣ ଅନ୍ଧକାର ରହିଥିଲା। ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଜଳସରଖଣ୍ଡି ସ୍ଥିତ ଦକ୍ଷିଣକାଳୀ ମନ୍ଦିରରେ ମଧ୍ୟ ମା'ଙ୍କ ଷୋଡ଼ଶ ପୂଜା ଆରମ୍ଭ ହୋଇଛି। ଏଠାରେ ପୁରୋହିତ ଶୁଭ୍ରାଂଶୁ ମିଶ୍ର ମା'ଙ୍କ ଠାରେ ଦିନକୁ ଦୁଇ ଥର ଚଣ୍ଡୀପାଠ, ହୋମ ସହ ମା' ଦକ୍ଷିଣକାଳୀଙ୍କ ସମସ୍ତ ପୂଜା ନୀତି କରାଯାଇଛି। ମଧ୍ୟ ରାତ୍ରରେ ରାଜଭୋଗ କରାଯାଇଛି।

## ଟ୍ରାକ୍ଟର ଧକ୍କାରେ ୩ ଭାଇ-ଭଉଣୀ ଗୁରୁତର



ସାନଖେମୁଣ୍ଡି,୧୪।୯(ସମିସ): ପାଟପୁର ଥାନା ଦୋଲବ-ସିନ୍ଦୁରପୁର ରାସ୍ତାରେ ରବିବାର ଏକ ମେପୋଡ଼କୁ ଟ୍ରାକ୍ଟର ଧକ୍କା ଦେଇ ବିଲରେ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ୩ ଜଣ ଭାଇ-ଭଉଣୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେ.ନୂଆଗାଁ ଥାନା ଖମାରିଗାଁର ତୋଫାନ ସାହୁ, ସୁଇଟି ସାହୁ, ବିଉଟି ସାହୁ। ସୂଚନା ମୁତାବକ ଖମାରୀଗାଁରୁ ମେପୋଡ ଗାଡ଼ିରେ ୩ ଭାଇ-ଭଉଣୀ ପୋଡ଼ାମାରି ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଏକ ଟ୍ରାକ୍ଟର ମୋପୋଡକୁ ଧକା ଦେଇ ବିଲକୁ ଓଲଟି ପଡ଼ିଥିଲା। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକଙ୍କ ୨ ଗୋଡ଼ କଟିଲା

ଛତ୍ରପୁର,୧୪।୯(ସମିସ): ଛତ୍ରପୁର ବଡ଼ ରେଳ ଷ୍ଟେସନ ନିକଟରେ ଚଳନ୍ତା ଟ୍ରେନରୁ ଖସି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣଙ୍କ ହେଲେ ଯାଜପୁରରୋଡ଼ ଅଞ୍ଚଳର ଶ୍ରୀନିବାସ ଖାଡ଼ଙ୍ଗା। ସେ ସାଲିମାର-ଭାସ୍କୋଡ଼ଗାମା ଅମରାବତୀ ଏକ୍ସପ୍ରେସ ଯୋଗେ ଯାଉଥିବା ବେଳେ ଛତ୍ରପୁର ବଡ଼ ରେଳଷ୍ଟେସନ ନିକଟରେ ଖସି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଦୁଇଟି ଗୋଡ଼ କଟିଯାଇଥିବା ଜଣାପଡିଛି।

## ସମୁଦ୍ରରେ ଗାଧୋଇବାବେଳେ ଯୁବକ ନିଖୋଜ

ଚିକିଟି,୧୪।୯(ସମିସ): ସୁନାପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ସୁନାପୁର ସମୁଦ୍ରରେ ଗାଧୋଇବାବେଳେ ରବିବାର ଜଣେ ଯୁବକ ନିଖୋଜ ହୋଇଛନ୍ତି। ନିଖୋଜ ଯୁବକ ହେଲେ ସ୍ଥାନୀୟ ଲିଆଖାଇ ଗ୍ରାମର ବସିନ୍ଦା ରଞ୍ଜନ କୁମାର ପ୍ରଧାନଙ୍କ ପୁଅ ଅମିତ କୁମାର ପ୍ରଧାନ(୧୮)। ରବିବାର ଛୁଟି ଥିବାରୁ ଲିଆଖାଇର ଚାରିଜଣ ଯୁବକ ସୁନାପୁର ବେଳାଭୂମି ବୁଲିବାକୁ ଆସିଥିଲେ। ବୁଲାବୁଲି ସରିବା ପରେ ସେମାନଙ୍କ ମଧ୍ୟରୁ ଦୁଇଜଣ ସମୁଦ୍ରରେ ଗାଧୋଉଥିଲେ। ସେତେବେଳେ ବଡ଼ ଲହଡ଼ି ଆସି ଅମିତକୁ ଗଭୀର ସମୁଦ୍ରକୁ ନେଇ ଯାଇଥିଲେ। ସାଙ୍ଗମାନେ ଖୋଜିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିନଥିଲା। ସୁନାପୁର ସାମୁଦ୍ରିକ ଥାନା ଅଧିକାରୀ ଅତିଥି ଚରଣ ନାୟକ, ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଓ ଅଗ୍ନିଶମ ବିଭାଗ ପହଞ୍ଚି ଖୋଜାଖୋଜି ଅଭିଯାନ ଆରମ୍ଭ କରିଥିଲେ। ପ୍ରାୟ ତିନି ଘଣ୍ଟା ଧରି ଅଗ୍ନିଶମ ବିଭାଗ ଖୋଜିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳିନି।

## ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ଅସନ୍ତୋଷ

ବୁଗୁଡ଼ା,୧୪।୯(ସମିସ): ସମ୍ପ୍ରତି ଖରା ଓ ବର୍ଷାର ଖେଳ ସାଙ୍ଗକୁ ଗୁଳୁଗୁଳି ବୁଗୁଡ଼ା ଅଞ୍ଚଳବାସୀଙ୍କୁ ନାକେଦମ କରୁଥିବା ବେଳେ ଅହୋରାତ୍ର ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ବୁଗୁଡା ସହରରେ ପ୍ରତିଦିନ ବେହିସାବ ବିଦ୍ୟୁତ୍ କାଟ ହେଉଛି। ପବନ କି ବର୍ଷା ହେଲେ ଲାଇନ୍ ଆସିବା କାଠିକର ପାଠ ହେଉଛି। ଲୋକଙ୍କ ପାଇଁ କାଳ ସାଜିଥିବା ବିଦ୍ୟୁତର ଏହି ଲୁଚକାଳି ଖେଳର କାରଣ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀଙ୍କ ଉତ୍ତର ସରକାରୀ ଘୋଷଣାକୁ ଉପହାସ ଏବଂ ସାଧାରଣ ଜନତାଙ୍କ ପ୍ରତି କଟାକ୍ଷ ପରି ମନେ ହେଉଛି। ରବିବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ଏହାର ତୁରନ୍ତ ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି।

● ଯୁବତୀଙ୍କୁ ପ୍ରତାରଣା

## ଯୁବକ ଗିରଫ

ସାନଖେମୁଣ୍ଡି,୧୪।୯(ସମିସ): ପାଟପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ଯୁବକ ଜଣଙ୍କ ହେଲେ ପାଟପୁର ଥାନା ରାଜନାପଲ୍ଲୀ ଗ୍ରାମର ପବିତ୍ର ନାୟକ। ପାଟପୁର ଥାନା ଅଞ୍ଚଳର ଯୁବତୀ ଜଣଙ୍କ ଭୁବନେଶ୍ୱରରେ ରହି କାମ କରୁଥିବା ବେଳେ ଯୁବତୀଙ୍କ ଗ୍ରାମର ଜଣେ ଯୁବକ ତାଙ୍କୁ ଭଲ ପାଇ ବିବାହ କରିବାକୁ କହି ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ଗ୍ରାମକୁ ଆସି ପରିବାର ଲୋକଙ୍କ ଚାପରେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଛନ୍ତି। ଯୁବତୀ ଜଣଙ୍କ ଘଟଣା ସମ୍ପର୍କରେ ଜାଣିବା ପରେ ଗ୍ରାମକୁ ଆସି ଉକ୍ତ ଯୁବକଙ୍କୁ ବିବାହ କରିବା ପାଇଁ କହିବାରୁ ଯୁବକ ଜଣଙ୍କ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ତେଣୁ ଯୁବତୀ ଜଣଙ୍କ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ୩ ଅନୁଷ୍ଠାନ ପକ୍ଷରୁ ଗୁରୁପୂଜନ



ଭଞ୍ଜନଗର,୧୪।୯(ସମିସ): ଭଞ୍ଜନଗର ସାହିତ୍ୟ ଘର, ରୋଟାରୀ କ୍ଲବ ଓ ଘୁମୁସର ଗବେଷଣା ପ୍ରତିଷ୍ଠାନ ପକ୍ଷରୁ "ଗୁରୁପୂଜନ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଭାରତୀ ଦେବୀ, କେଏସ୍‌ୟୁବି କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ରୋଟାରୀ କ୍ଲବ ସଭାପତି ରଞ୍ଜିତ କୁମାର ବାରିକ, ଗୁପ୍ତେଶ୍ୱର ସୁବୁଦ୍ଧି, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀ, ଘୁମୁସର ଗବେଷଣା ପ୍ରତିଷ୍ଠାନ ସଭାପତି ସନ୍ତୋଷ କୁମାର ଆପଟ, ବ୍ରହ୍ମକୁମାରୀ ସନ୍ତୋଷିନୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଥିବା ୪ ଜଣଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସନ୍ତୋଷ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦିକା ପ୍ରଭାତି ମଞ୍ଜରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ରୀନା ସେଠୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉପଦେଷ୍ଟା ଜଗବନ୍ଧୁ ଜେନା, ଅନୁପମ ବାନାର୍ଜି, ସହସମ୍ପାଦିକା ରୀତାରାଣୀ ମହାପାତ୍ର, କଳ୍ପନା କୁମାରୀ ପ୍ରଧାନ, ଲୋପାମୁଦ୍ରା ରଥ, ଦୀପ୍ତାଂଶୁ ପ୍ରଭାଦେବୀ, ଗୀତାଞ୍ଜଳୀ ପ୍ରଧାନ, ତପସ୍ୱିନୀ ବିଷୋୟୀ, ସସ୍ମିତା ମିଶ୍ର, ବିଷ୍ଣୁପ୍ରିୟା ପତି, ସୁଜତା ସିଂ, ସୁଜତା ଦାସ, ରାଜଲକ୍ଷ୍ମୀ ସାହୁ, ସେହ୍ନଲତା ବିଷୋୟୀ, ମଦନ ମୋହନ ରଥ, ବିଭୂତି ଭୂଷଣ ଜେନା, ଅମରବିଳାଶ ବେହେରା, ଶ୍ୟାମା ପ୍ରସାଦ ମିଶ୍ର, ଅଶୋକ କୁମାର ସ୍ୱାଇଁ, ମଧୁସୂଦନ ମହାପାତ୍ର, ରାମଚନ୍ଦ୍ର ମିଶ୍ର, ଦେବୀପ୍ରସାଦ ପାତ୍ର, ଜଗଦୀଶ ନାୟକ, ଶିଶିର କୁମାର ପତି, ବିଶ୍ୱମ୍ବର ଜେନା, ଜଗଦୀଶ ପାଣିଗ୍ରାହୀ, ଦିଲ୍ଲିପ କୁମାର ଦାସ, ସନ୍ତୋଷ ତିଆଡି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥଲେ। କୋଷାଧ୍ୟକ୍ଷ ତ୍ରିନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ଖଲ୍ଲିକୋଟ,୧୪।୯(ସମିସ): ଖଲ୍ଲିକୋଟ ଅଞ୍ଚଳରେ ୩ ଦିନର ବ୍ୟବଧାନରେ ରବିବାର ପୁଣି ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭେଜିପୁଟ ଓଡ଼ିଆ ସାହିର ପୁଷ୍ପଲତା ନାୟକ (୩୦)। ରବିବାର ସନ୍ଧ୍ୟାରେ ନିଜ ଘରର ବାରିପଟକୁ ଯାଇଥିବା ବେଳେ ପୁଷ୍ପଲତାଙ୍କୁ ସାପ କାମୁଡ଼ି ଦେଇଥିଲା। ପଡୋଶୀ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିଛି। ମୃତ ପୁଷ୍ପଲତାଙ୍କ ସ୍ୱାମୀ ସୁଶାନ୍ତ ନାୟକ ବିଦେଶରେ ଦାଦନ ଶ୍ରମିକ ଭାବେ କାମ କରୁଥିବାବେଳେ ଗାଁରେ ୮ ବର୍ଷର ପୁଅ ସହ ରହୁଥିଲେ ପୁଷ୍ପଲତା। ବର୍ତ୍ତମାନ ତାଙ୍କର ମୃତ୍ୟୁ ପରେ ଛୋଟ ପିଲାଟି ଘରେ ଏକୁଟିଆ ରହିଛି। ପ୍ରକାଶ ଯେ, ସୋମବାର ରାତିରେ ସାପ କାମୁଡ଼ାରେ ରଜନୀ ଦାସଙ୍କ ମୃତ୍ୟୁ ଘଟିଥିବା ବେଳେ ନାତୁଣୀ ଏବେବି ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ବୁଧବାର କୈରାଶି ଆନନ୍ଦ ବଜାର ସାହି ବାସିନ୍ଦା ଉତ୍ତମ ନାହାକ (୨୦) ନିଜ ଘରେ ଅଳିଆ ସଫା କରୁଥିବା ବେଳେ ଏକ ସାପ କାମୁଡ଼ି ଦେବାରୁ ତାଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା।

## ସୁବାସନଗର ଶ୍ୟାମାକାଳୀ କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ



ବ୍ରହ୍ମପୁର,୧୪।୮(ସମିସ): ଦୂର୍ଗା ପୂଜା ନିମନ୍ତେ ଶିଳ୍ପାଞ୍ଚଳ ସୁବାଷ ନଗର ଶ୍ରୀ ମା' ଶ୍ୟାମା କାଳୀ କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ସାବିତ୍ରୀ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିବ ଶଙ୍କର ନାୟକ, ରାଜେନ୍ଦ୍ର କୁମାର ଓ ସୁମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ କର୍ତ୍ତା ଅମିତ୍ ପାତ୍ର, କମିଟି ସଭାପତି ରାଜେଶ୍ୱର ମହାପାତ୍ର, ଉପ ସଭାପତି ବାବୁ ପ୍ରଧାନ, ସମ୍ପାଦକ ସାଗର ନାୟକ, ନିଖିଲ ପାତ୍ର, କୋଷାଧ୍ୟକ୍ଷ ବଳିଆ ନାୟକ, ସଚିନ୍ ଜେନା ଏବଂ ଆଇନ ପରାମର୍ଶଦାତା ବିରଞ୍ଚି ନାରାୟଣ ମହାପାତ୍ର, ମିଡିଆ ସଂଯୋଜକ ଟୁଟୁ ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ; ଦୁଇ ଗିରଫ

ଆସିକା,୧୪।୯(ସମିସ): ଆସିକା ଅବକାରୀ ବିଭାଗ ପୃଥକ ସ୍ଥାନରେ ଚଢ଼ଉ କରି ୨୫ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। କନ୍ଧମାଳରୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଆସିକା ସୁମନ୍ତପଲି ଓ କର୍ଣ୍ଣଲି ଛକରେ ଯାଞ୍ଚବେଳେ ଦୁଇଟି ବସ୍ତାରୁ ପଚିଶି କେଜି ଗଞ୍ଜେଇ ଜବତ କରିଥିଲା ଅବକାରୀ ବିଭାଗ। ଦୁଇ ଗଞ୍ଜେଇ ମାଫିଆ ହେଲେ ବିକ୍ରମ ବେହେରା ଏବଂ ତ୍ରିନାଥ ପ୍ରଧାନ। ଏମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

**ଜାତୀୟ ରାଜପଥରେ ଗୋରୁପଲ**

## ଅଘଟଣ ପରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଲା

ଭଞ୍ଜନଗର,୧୪।୯(ସମିସ): ଭଞ୍ଜନଗର ସହର ସାରା ଗତ କିଛିମାସ ହେଲା ଗାଈଗୋରୁଙ୍କ ଦ୍ୱାରା ରାସ୍ତା ଅବରୋଧ ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯାହାକୁ ନେଇ ସାଧାରଣ ଲୋକଙ୍କ ସମେତ ଜରୁରୀକାଳୀନ ସେବା ଯୋଗାଉଥିବା ଯାନବାହନ ଚଳାଚଳରେ ବାଧକ ସାଜୁଥିଲା। ଭଞ୍ଜନଗର ସହର ମଧ୍ୟ ଦେଇ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଯାଇଥିବାରୁ ପ୍ରତ୍ୟେକ ଦିନ ମାଲ ପରିବହନ ନିମନ୍ତେ ଭାରୀଯାନ ସମେତ ଶହ ଶହ ସଂଖ୍ୟାରେ ଛୋଟବଡ଼ ଗାଡ଼ି ମଟର ଚଳାଚଳ କରିଥାଏ। ହେଲେ ସହରର ସମସ୍ତ ରାସ୍ତା ଏବଂ ଗଳିକନ୍ଦିରେ ବହୁ ସଂଖ୍ୟକ ଗାଈଗୋରୁ ରାସ୍ତା ଉପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଶୋଇ ରହୁ ଥିବାରୁ ଯାତାୟାତରେ ବାଧା ସୃଷ୍ଟି ସହ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଦୁର୍ଘଟଣା ରୋକିବାକୁ ପୁଲିସ ପକ୍ଷରୁ ପ୍ରତ୍ୟେକ ଦିନ ମଦୁଆ ଚାଳକମାନଙ୍କୁ ଧରପଗଡ଼ ଜାରି ରହୁଥିବା ବେଳେ ଗୃହପାଳିତ ପଶୁମାନେ ରାସ୍ତା ଅବରୋଧ କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ବହୁ ସମୟରେ ରାସ୍ତା ଉପରେ ଷଣ୍ଢ ଲଢ଼େଇ ଯୋଗୁ ଅନେକ ଗାଡ଼ି ମଟର ଭାଙ୍ଗୁଛି। କିଛିଦିନ ତଳେ ଭଞ୍ଜନଗର ବସ୍‌ଷ୍ଟାଣ୍ଡଠାରେ ଭୁବନେଶ୍ୱରରୁ ସୋରଡ଼ା ଯାଉଥିବା ଏକ ଚଳନ୍ତା ବସ୍ ଚକ ତଳେ ଗୋଟିଏ ଗାଈ ପଶିଯାଇଥିବାବେଳେ ସୌଭାଗ୍ୟ ବଶତଃ ଗାଡିଟି ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ସ୍ଥାନୀୟ ଜନସାଧାରଣ, ପୁଲିସ ଓ ସାମ୍ବାଦିକଙ୍କ ଦ୍ୱାରା ଉକ୍ତ ଗାଈଟିକୁ ଉଦ୍ଧାର କରି ତାହାର ଚିକିତ୍ସା କରାଯାଇଥିଲା। ହେଲେ ମାଲିକର ଦେଖା ମିଳି ନ ଥିଲା। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏବେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଚାରିଆଡ଼େ ପ୍ରଚାର କରି ଗାଈଗୋରୁମାନଙ୍କୁ ଏଣେତେଣେ ନ ଛାଡ଼ି ନିଜ ଗୁହାଳରେ ବାନ୍ଧି ରଖିବାକୁ ପରାମର୍ଶ ଦିଆଯାଉଛି। ନଚେତ ୭ଦିନ ମଧ୍ୟରେ ରାସ୍ତାରେ ବୁଲୁଥିବା ସମସ୍ତ ଗୃହପାଳିତ ପଶୁଙ୍କୁ ଉଠାଇ ଆଣି ଏନ୍‌ଏସି ପକ୍ଷରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା କହିଛନ୍ତି।





## ଦାଦାବଟି ନଦେବାରୁ ବୋମାମାଡ଼

ବ୍ରହ୍ମପୁର,୧୪।୯ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ବାଲାଜିପେଣ୍ଠ ସାହିରେ ରହୁଥିବା ଆକାଶ ପାତ୍ରଙ୍କୁ ୩ଜଣ ଦୁର୍ବୃତ୍ତ ଦାଦାବଟି ମାଗିଥିଲେ। ସେ ନ ଦେବାରୁ ତାଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ରାତି ସାଢ଼େ ୧୧ ଟାରେ ଦୁଇଜଣ ଯୁବକ ତାଙ୍କ ଘର ଆଗରେ ପହଞ୍ଚି ଦାଦାବଟି ମାଗିଥିଲେ। ସେ ଏହାର ପ୍ରତିବାଦ କରିଥିଲେ। ସେମାନେ ସେଠାରେ ଖଣ୍ଡା ଦେଖାଇ ତାଙ୍କୁ ଭୟଭୀତ କରିଥିଲେ। ସେ ଘର ଭିତରକୁ ପଶିଯାଇ କବାଟ ବନ୍ଦ କରି ଦେଇଥିଲେ। ଦୀପୁ ପାତ୍ର ନାମକ ଜଣେ ଯୁବକ ଆକାଶଙ୍କୁ ଘର ବାହାରକୁ ଆସିବାକୁ କହିଥିଲେ। ଗୋଟିଏ ବୋମା ପକାଇ ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆକାଶଙ୍କ ପାଖରେ କାମ କରୁଥିବା ରବି ଗୌଡ଼ ଏନେଇ ୧୧୨କୁ ଫୋନ କରିଥିଲେ। ପୁଲିସ ଗାଡ଼ି ଆସୁଥିବା ଦେଖି ଉଭୟ ଦୁର୍ବୃତ୍ତ ସେଠାରୁ ଚମ୍ପଟ ମାରିଥିଲେ। ପରେ ଆକାଶ ଥାନାକୁ ଯାଇ ପୁଲିସ ନିକଟରେ ଜଣାଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ବର୍ତ୍ତମାନ ସେମାନେ ଫେରାର ରହିଛନ୍ତି। ଖୁବଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବ ବୋଲି ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।

## ମାଲିକାଣିଙ୍କୁ ଖାଦ୍ୟରେ ନିଶାଦେଇ ଗହଣା ଲୁଟିନେଲା ଚାକରାଣୀ

ବ୍ରହ୍ମପୁର,୧୪।୯ (ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ହାଉସିଂବୋଡର୍ ଶିଶୁ ପାର୍କ ନିକଟରେ ରହୁଥିବା ୱାଇ. ଶିରିସାଙ୍କ ଘରୁ ୫୦ଗ୍ରାମର ଗହଣା ଚୋରି ହୋଇଛି। ତାଙ୍କ ଘରେ କାମ କରୁଥିବା ଚାକରାଣୀ ଖାଦ୍ୟରେ କିଛି ମିଶାଇ ତାଙ୍କୁ ଅଚେତ କରି ଗହଣା ନେଇଯାଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ନଂ.୪୫୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାପ୍ରକାରେ ଶିରିସାଙ୍କ ଘରେ ଜଣେ ମହିଳା ଚାକରାଣୀ ଭାବେ କାମ କରୁଥିଲେ। ଗତ ୯ ତାରିଖ ମଧ୍ୟାହ୍ନରେ ସେ ଶିରିସାଙ୍କୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେଇଥିଲେ। ସେ ଉକ୍ତ ଖାଦ୍ୟ ଖାଇବା ପରେ ଅଚେତ ହୋଇଯାଇଥିଲେ। କିଛି ସମୟ ପରେ ଚେତା ଫେରିବା ପରେ ସେ ବେକରେ ପିନ୍ଧିଥିବା ୫ ତୋଲା ଓଜନର ମଙ୍ଗଳସୂତ୍ର ଗାୟବ ଥିଲା। ସେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଅନ୍ୟପଟେ ଚାକରାଣୀଙ୍କୁ ଏନେଇ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଅନ୍ୟପଟେ ଘଟଣା ପରଠାରୁ ସେ ଘରକୁ କାମ କରିବାକୁ ଆସିନଥିଲେ। ଯାହାଫଳରେ ତାଙ୍କ ଉପରେ ସନ୍ଦେହ ହୋଇଥିଲା। ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବନ୍ଧୁକ ଦେଖାଇ ମୋବାଇଲ ଓ ଟଙ୍କା ଲୁଟ୍; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୪।୯ (ସମିସ): ଲାଠି ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ଦେଖାଇ ମୋବାଇଲ ଓ ଟଙ୍କା ଲୁଟ୍ ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗୋଳନ୍ଥରା ଚାନ୍ଦପୁରର ଚନ୍ଦନ ଦାସ (୨୫)। ସୂଚନାଯୋଗ୍ୟ ଯେ, ଲାଠି ଗାଁର ମେନ୍ ରୋଡ଼ରେ ରହୁଥିବା ସୁବାସ ମହାରଣା (୫୦) ଶନିବାର କୌଣସି କାମରେ ବ୍ରହ୍ମପୁର ଯାଇଥିଲେ। କାମ ସାରି ରାତି ୯.୨୦ମିନିଟ ସମୟରେ ଘରକୁ ଫେରୁଥିବା ବେଳେ ଉକ୍ତ ଗ୍ରାମ ଧୋବା ଶଙ୍ଖ ପାଖରେ ଏକ ଅଜଣା ଲୋକ ଗୋଟିଏ ସ୍କୁଟିରେ ଆସି ତାଙ୍କୁ ଅଟକାଇଲା। ସେ ନ ରହିବାରୁ ପୁଣି ଗାଁ ନିକଟସ୍ଥ ନିଶାକେନ୍ଦ୍ର ପାଖରେ ପୁଣି ଦୁର୍ବୃତ୍ତ ଜଣକ ସୁବାଷଙ୍କ ସାଇକେଲ ଆଗକୁ ସ୍କୁଟି ଆଣି ଗାଳି ଗୁଲଜ କରିବା ସହ ବନ୍ଧୁକ ଦେଖାଇ ମୋବାଇଲ ଓ କିଛି ଟଙ୍କା ଲୁଟି ନେଇଥିଲେ। ଏନେଇ ସେ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

**ପାର୍ବଣରେ ଜମିଲାଣି ଜୁଆଖେଳ**

# ଗୁହାଳରେ ଚଢ଼ଉ; ୯ ଜୁଆଡ଼ି ଗିରଫ

ବ୍ରହ୍ମପୁର,୧୪।୯ (ସମିସ)

ପାର୍ବଣ ଆସିଛି, ଚଳଚଞ୍ଚଳ ହୋଇଉଠିଛି ଗଞ୍ଜାମ ଜିଲ୍ଲା। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ସବୁଠି ଜମିଲାଣି ଜୁଆ ଖେଳର ଆସର। ମା' ଦୁର୍ଗାଙ୍କ ଆଗମନ କିମ୍ବା କୁମାରପୂର୍ଣ୍ଣିମା ନେଇ ଲୋକମାନେ ଯେତିକି ଉତ୍ସାହିତ ହୋଇଥାନ୍ତି ସାଙ୍ଗସାଥୀ ଓ ପରିବାର ଲୋକଙ୍କ ମଧ୍ୟରେ ତାସ ଖେଳିବାକୁ ମଧ୍ୟ ତା' ଠାରୁ ଢେର ଅଧିକ ଉତ୍ସାହିତ ହୋଇ ପଡ଼ିଥାନ୍ତି। କାଳକ୍ରମେ ତାସ ଖେଳର ଏହି ପରମ୍ପରା ଜୁଆରେ ପରିଣତ ହୋଇସାରିଛି। ପାର୍ବଣ ଋତୁ ଆସିବା ପୂର୍ବରୁ ଜୁଆଡ଼ିମାନେ ଜୁଆ ଆଡ୍ଡା ଚିହ୍ନଟ କରି ଖେଳ ଆରମ୍ଭ କରନ୍ତି। ପୁଲିସ ଖବର ପାଇ ଜୁଆ ଆଡ୍ଡାରେ ଚଢ଼ଉ କଲେ ଜୁଆଡ଼ିମାନେ ଆଡ୍ଡା ବଦଳାଇ ଅନ୍ୟ ଏକ ସ୍ଥାନରେ ଖେଳ ପକାନ୍ତି। ବ୍ରହ୍ମପୁର ସହର ଏବଂ ଏହାର ଉପକଣ୍ଠ ଅଞ୍ଚଳରେ ବଡ଼ ବଡ଼ ଜୁଆ ଆଠା ଚାଲୁଥିବା ପୂର୍ବରୁ ନଜିର ରହିଛି। କିଛି ଲୋକଙ୍କ ପାଇଁ ଏହା ନିଶା ପାଲଟି ଯାଇଥିବା ଦେଖିବାକୁ ମିଳୁଛି। ଅଳ୍ପ ସମୟ ମଧ୍ୟରେ ଅଧିକ ଟଙ୍କା ଆୟ କରିବା କୁ କିଛି ବ୍ୟକ୍ତିବିଶେଷ ତାସ ଖେଳ ପ୍ରତି ଆସକ୍ତ ହୋଇ ପଡୁଛନ୍ତି। ଜୁଆ ଖେଳ ପକାଇବାକୁ ଜୁଆଡ଼ିମାନେ ଘର ଖୋଜୁଥିବା ବେଳେ



ଘର ନ ମିଳିବା ପର୍ଯ୍ୟନ୍ତ ଖୋଲା ପଡ଼ିଆ, ଗାଇ ଗୁହାଳ, ନିର୍ମାଣାଧିନ ଘରର ଛାତ ଉପରେ ଖେଳ ପକାଉଛନ୍ତି। ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ସମସ୍ତ ଥାନା ଅଧିକାରୀଙ୍କୁ ପାର୍ବଣ ପୂର୍ବରୁ ନିଜ ନିଜ ଅଞ୍ଚଳରେ ଜୋରଦାର ପାଟ୍ରୋଲିଂ କରିବାକୁ କହିବା ସହ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହିକ୍ରମରେ ଗତକାଲି ବିଳମ୍ବିତ ରାତିରେ ଟାଉନ୍ ଥାନା ପୁଲିସ ସ୍ଥାନୀୟ ବ୍ୟାଙ୍କ କଲୋନୀ ଷଷ୍ଠ ଲାଇନ୍ ସ୍ଥିତ ଏକ ଗାଇ ଗୁହାଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିଛି। ଏହାସହ ୩୩ ହଜାର ୬୯୦ ଟଙ୍କା, ୮ଟି ମୋବାଇଲ, ୬ଟି ବାଇକ ସହ ୪ କାଟା ତାସ ଓ ଗୋଟିଏ ପାଳି ଜବତ କରିଛି। ଗିରଫ ଜୁଆଡ଼ିମାନେ ହେଲେ ପାୟଲ ହଲ୍ ସ୍ଥିତ ସୂର୍ଯ୍ୟନଗରର ଧୀରେନ ଆଚାର୍ଯ୍ୟ, ଗୌତମ ବେହେରା, ଏନ୍ ଶ୍ରୀନୁ, ଏନ ରଞ୍ଜିତ ଦୋରା, ପ୍ରଶାନ୍ତ ପଣ୍ଡା, ବି.ହରିସ, ଗୋଷାଣୀନୂଆଗାଁର ପି. ଗୋପୀ ଆଚାରୀ, ପାତ୍ରପେଟା ସାହିର ଆନୱାର ଅହମ୍ମଦ ଓ ଗୋଇଲୁଣ୍ଡିର ଏ. ଜଗନ୍ନାଥ ଦୋରା ବୋଲି ଜଣାପଡ଼ିଛି। ଅପରପକ୍ଷେ ଗତ କିଛିଦିନ ହେଲା ବ୍ୟାଙ୍କ କଲୋନୀ ଷଷ୍ଠ ଲାଇନରେ ଥିବା ଉକ୍ତ ଗୁହାଳରେ ଜୁଆଖେଳ ଚାଲୁଥିଲା। ଗତକାଲି ବିଳମ୍ବିତ ରାତିରେ ଟାଉନ ଥାନା ଏସଆଇ ବିଭୂତି ଭୂଷଣ ସେଠି ଖବର ପାଇବା ପରେ ନିଜ ଟିମକୁ ନେଇ ଚଢ଼ଉ କରି ୯ ଜୁଆଡ଼ିଙ୍କୁ ଗିରଫ କରିବା ସହ ଉପରୋକ୍ତ ଟଙ୍କା, ମୋବାଇଲ ଓ ଗାଡ଼ି ଜବତ କରିଛନ୍ତି।

## ରୁବେନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର,୧୪।୯ (ସମିସ): ହିଲପାଟଣା ସ୍ଥିତ ସିଦ୍ଧି ବିନାୟକ ମନ୍ଦିର ପ୍ରାଙ୍ଗଣରେ ରୁବେନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲି ମୋହନ, ପୂର୍ବତନ ବିଇଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଓ ବରିଷ୍ଠ ବିଜେପି ନେତା କାମନା ପାଢ଼ୀ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ସମାସସେବୀ ସୁଶାନ୍ତ ସାବତ, କର୍ପୋରେଟର ଡ଼ି. କରୁଣାକର, ରଣ୍ଡା ସରପଞ୍ଚ ଅଜିତ ରାଉଳ, ଯୁବନେତା ଶିବ ସେଠୀ ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନିର୍ଦ୍ଦେଶକ କ୍ରିଷ୍ଣା ମୋହନ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ କୋଟେଶ୍ୱର ରାଓଙ୍କ ସ୍ମୃତି ଚାରଣ କରିଥିଲେ। ଶିବିରରେ ମୋଟ ୧୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏମ୍‌କେସିଜି ମେଡ଼ିକାଲ ରକ୍ତ ଭଣ୍ଡାର ଡ଼ାକ୍ତର ଓ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ସୁଦୀପ କୁମାର ସାହୁ, ଆଇନଜୀବୀ ଲଳିତ ମଙ୍ଗରାଜ, ସୁଶାନ୍ତ ସାବତ, ଫିଲ୍ମ ନିର୍ଦ୍ଦେଶକ ଶିବ ସତ୍ୟମ, ବାପି ପଣ୍ଡା, ପିଣ୍ଟୁ ଜେନା, ଯୁବ ବିଜେପି ନେତା ଚନ୍ଦ୍ର ଶେଖର ଗୌଡ଼ ଓ ସୁଶାନ୍ତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାପତି ସାଗର ପାଢ଼ୀ, ଉପସଭାପତି ପ୍ରମିତ ରଞ୍ଜନ ମହାପାତ୍ର, ସମ୍ପାଦକ କେ. ଲକ୍ଷ୍ମଣ ରାଓ ଅରଫ ରାଜେନ୍‌ଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପୋଷ୍ଟ ଅଫିସରେ କଲେଜ ଛାତ୍ରୀଙ୍କୁ ଅସଦାଚରଣ; ପିଅନ ଗିରଫ

ବ୍ରହ୍ମପୁର,୧୪।୯ (ସମିସ): ଦସ୍ତଖତ କରିବାକୁ ଜଣେ କଲେଜ ଛାତ୍ରୀଙ୍କୁ ପୋଷ୍ଟ ଅଫିସକୁ ଡାକି ଅସଦାଚରଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ପୋଷ୍ଟ ପିଅନଙ୍କୁ ଗିରଫ କରିଛି। ସେ ହେଲେ ଡେଙ୍ଗାପଦର ଜେନା ସାହି ପୋଷ୍ଟ ଅଫିସରେ ପିଅନ ଭାବେ କାର୍ଯ୍ୟ କରୁଥିବା କେ. ନୂଆଗାଁ ଭ୍ରମରପୁର ଅଞ୍ଚଳର ଅନୁପ କୁମାର ଭଟ୍ଟ (୪୮)। ସଦର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟ ନାବାଳିକା ସେହି ଅଞ୍ଚଳରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଛନ୍ତି। ଶନିବାର ଅଭିଯୁକ୍ତ ଅନୁପ ସଂପୃକ୍ତ ନାବାଳିକାଙ୍କୁ ଏକ କାଗଜରେ ଦସ୍ତଖତ କରିବାକୁ ପଡିବ ବୋଲି କହି ପୋଷ୍ଟ ଅଫିସକୁ ଡାକିଥିଲେ। ନାବାଳିକା ଜଣଙ୍କ ଦସ୍ତଖତ କରୁଥିବା ବେଳେ ଅଭିଯୁକ୍ତ ଅନୁପ ତାଙ୍କୁ ଅସଦାଚରଣ କରିଥିଲେ। ଭୟରେ ଛାତ୍ରୀ ଜଣଙ୍କ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଘଟଣାର ତଦନ୍ତ କରି ଦିଗପହଣ୍ଡି ନୀଳକଣ୍ଠନଗର ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଅନୁପଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳାଙ୍କ ଫଟୋ ଭାଇରାଲ୍ କରି ଯୁବକ ଗିରଫ

ବ୍ରହ୍ମପୁର,୧୪।୯ (ସମିସ): ଜଣେ ମହିଳାଙ୍କ ଫଟୋ ଭାଇରାଲ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ହିଞ୍ଜିଳକାଟୁର କିରଣ ବେହେରା। ସୂଚନାପ୍ରକାରେ, କିଛିବର୍ଷ ତଳେ ବିବାହ ପୂର୍ବରୁ ଅଭିଯୋଗକରିଣୀ ମହିଳା ଓ ଅଭିଯୁକ୍ତ କିରଣଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ସେହି ସମୟରେ ଉଭୟ ମିଳିମିଶି ବିଭିନ୍ନ ସ୍ଥାନ ବୁଲାବୁଲି କରିବା ସହ ଫଟୋ ଉଠାଇଥିଲେ। ପରେ ଅଭିଯୋଗକାରିଣୀଙ୍କ ଅନ୍ୟତ୍ର ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ଏକ ଝିଅ ମଧ୍ୟ ରହିଛି। ଏଭଳି ସ୍ଥିତିରେ ଅଭିଯୁକ୍ତ କିରଣ ତାଙ୍କ ସହ ସମ୍ପର୍କ ରଖିବାକୁ ବାଧ କରିଥିଲା। ହେଲେ ଅଭିଯୋଗକାରିଣୀ ରାଜି ନହେବାରୁ ପୂର୍ବରୁ ଉଠାଇଥିବା ବିଭିନ୍ନ ଆପତ୍ତିଜନକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ। ଫଟୋ ଅଭିଯୋଗକାରିଣୀଙ୍କ ସ୍ୱାମୀ ନିକଟରେ ପହଞ୍ଚିବା ପରେ ସେ ତାଙ୍କୁ ଗ୍ରହଣ କରିବାକୁ ମନା କରି ଦେଇଥିଲେ। ଅଭିଯୁକ୍ତଙ୍କ ଏଭଳି କାରନାମା ଯୋଗୁ ମହିଳାଙ୍କ ପାରିବାରିକ ସମ୍ପର୍କ ନଷ୍ଟ ହେବାକୁ ଯାଉଥିବାରୁ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ କିରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସୌରଭ ଶାରଦୀୟ ଉତ୍ସବ-୨୦୨୫



ବ୍ରହ୍ମପୁର,୧୪।୯ (ସମିସ): ସ୍ଥାନୀୟ ଏକ ହୋଟେଲ୍‌ରେ ସୌରଭ ଶାରଦୀୟ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଣ୍ଠଶିଳ୍ପୀ ଓ କବି ଇଂ. ଗଙ୍ଗାଧର ମହାକୁଡ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ମନୋରଞ୍ଜନ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଓ କବି ସୁଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ କବି ଡ. ଶ୍ୟାମା ପ୍ରସାଦ ମିଶ୍ର, କବି ଗୌରଚନ୍ଦ୍ର ଷଡ଼ଙ୍ଗୀ ଓ ସମ୍ମାନିତ ବକ୍ତା ଭାବେ ଡ଼ା. ରାଜେନ୍ଦ୍ର କୁମାର ବେହେରା ମଞ୍ଚାସୀନ ଥିଲେ। ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ କବି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଯୁବଗାଳ୍ପିକ ପାର୍ଥସାରଥୀ ରାଉତ, କବି ପ୍ରଣୟ ସୁଧା, କବି ବିଶ୍ୱ ମହାପାତ୍ର, କବି ସ୍ୱରୂପ ନାୟକ, ଗାଳ୍ପିକ ଯୋଗେଶ୍ୱର ପଣ୍ଡା, ଗାଳ୍ପିକ ତ୍ରିଲୋଚନ କାର୍ଜି ଓ ଗାଳ୍ପିକ ଜନ୍ମେଜୟ ପଣ୍ଡାଙ୍କୁ ସୌରଭ ଶାରଦୀୟ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ସୌରଭ ପାର୍ବଣ ସଂଖ୍ୟା-୨୦୨୫ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପ୍ରଥମ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠ ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ଅଧିବେସନରେ କବି ବିଜୟ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କବି ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦରଦୀ କବି ସତ୍ୟମ୍ ଅଚାରୀ ସଂପାଦକୀୟ ପାଠ କରିଥିଲେ। ଯୁବକବି ସୁନୀଲ କୁମାର ପ୍ରଧାନ ଓ ରାଜେଶ୍ କୁମାର ପାତ୍ରଙ୍କ ସଂଯୋଜନାରେ ବହୁ କବି କବିତା ପାଠ କରିଥିଲେ। ଶେଷରେ ଦୀପ୍ତିମିତା ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନବଜୀବନ ସେବାଶ୍ରମରେ ଅନ୍ନଲକ୍ଷ୍ମୀ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୪।୯ (ସମିସ): କନିଷି ମଦନମୋହନପୁର ସ୍ଥିତି ନବଜୀବନ ସେବାଶ୍ରମରେ ସଭାପତି ଡା. ସଙ୍ଗୀତା ବାବୁଙ୍କ ଅଧ୍ୟକ୍ଷତାରେ ଅନ୍ନଲକ୍ଷ୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ଜଣଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। କେ. ଶ୍ରୀଧର ଆଚାର୍ଯ୍ୟ ସଂଯୋଜନା କରିଥିବା ବେଳେ ସନ୍ତୋଷୀ ପ୍ରଧାନ ସହାୟତା କରିଥିଲେ। ଆଶ୍ରମ ପରିଚାଳକ ପ୍ରଶାନ୍ତ ମହାରଣା ପରିଚାଳନା, କୋଷାଧ୍ୟକ୍ଷ ପ୍ରଶାନ୍ତ ରେଙ୍ଗା, ସଦସ୍ୟ ଡା. ପ୍ରଣବାଦ ପଣ୍ଡା, ବୈରାଗୀ ପାତ୍ର, ସୁଦର୍ଶନ ସାମନ୍ତରା ପ୍ରମୁଖ ସହଯୋଗ କରିଥିଲେ।

## ଧର୍ମପ୍ରାଣାଙ୍କ ପରଲୋକ



ବ୍ରହ୍ମପୁର,୧୪।୯ (ସମିସ): ଲୋଚାପଡ଼ା ପ୍ରହ୍ଲାଦନଗର ନିବାସୀ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦେବୀ ପ୍ରସାଦ ନନ୍ଦଙ୍କ ପତ୍ନୀ ବସନ୍ତ ନନ୍ଦଙ୍କ ୬୩ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ନନ୍ଦ ଗତ କିଛିଦିନ ହେଲା ଅସୁସ୍ଥ ଥିଲେ। ଭୁବନେଶ୍ୱରର ଏକ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ନେଇ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ସମେତ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଫ୍ରେଣ୍ଡସ୍ ହେଲ୍ପିଂ କ୍ଲବ ପକ୍ଷରୁ ଶିକ୍ଷା ସମ୍ମାନ



ବ୍ରହ୍ମପୁର,୧୪।୯ (ସମିସ): ଫ୍ରେଣ୍ଡସ ହେଲ୍ପିଂ କ୍ଲବ ପକ୍ଷରୁ ଶିକ୍ଷା ସମ୍ମାନ କାର୍ଯ୍ୟକ୍ରମ କ୍ଲବର ସଭାପତି ସତ୍ୟକାମ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପଦ୍ମଶ୍ରୀ ପ୍ରଫେସର ଡା. କୃଷ୍ଣମୋହନ ପାଠୀ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜନ କୁମାର ପୃଷ୍ଟି, ମହୁଡା ଫର୍ମାସି କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ. ସରିତା ପ୍ରିୟଦର୍ଶିନୀ ନାୟକ, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଶିକ୍ଷା ଅଧିକାରୀ ଏସ. ଧନଞ୍ଜୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ବିଦ୍ୟୁତପ୍ରଭା ସାହୁ, ବେଦପାଠଶାଳାର ଶିକ୍ଷକ ସନ୍ତୋଷ କୁମାର ରଥ ଓ ଶିକ୍ଷୟିତ୍ରୀ ସଂସାଦ ବେଗୁମଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମ୍ପାଦକ ଏମ୍. ପ୍ରବୀନ ସମ୍ପଦକୀୟ ବିବରଣୀ ପାଠ କରିଥିବା ବେଳେ ଆବାହକ ଇଂ. ପ୍ରଶାନ୍ତ କୁମାର ପାତ୍ର ପରିଚାଳନା କରିଥିଲେ।

**ଭୁବନେଶ୍ୱର ଗଞ୍ଜେଇ ନେବାକୁ ୨୫ ହଜାର ଟଙ୍କା ଭଡ଼ା**

# ୫୦କେଜି ଗଞ୍ଜେଇ ଜବତ; ୬ ଗିରଫ

**୫ହଜାର ଟଙ୍କା ପାଇଁ ଏସ୍‌କର୍ଟ କରି ବନ୍ଧାହେଲେ ୩ ଯୁବକ**

ବ୍ରହ୍ମପୁର/ଆସିକା,୧୪।୯ (ସମିସ): ଓଡିଶା ରାଜ୍ୟ ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ଗୁଇନ୍ଦା ବ୍ରହ୍ମପୁର ରେଞ୍ଜର ଉପ-ଅଧିକ୍ଷକ (ଡ଼ିଏସପି) ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର ଗଞ୍ଜାମ ଜିଲ୍ଲା ଆସିକା ଅଞ୍ଚଳର ବାଲିସିରାରେ ଚଢ଼ଉ କରିଥିଲା। ଏକ କାର୍ (ନଂ.ଓଆର ୦୨ଏଜେ-୦୩୪୫) ଅଟକାଇ ଯାଞ୍ଚ ବେଳେ ସେଥିରୁ ୫୦ କେଜି ଗଞ୍ଜେଇ ମିଳିଥିଲା। ସେହିପରି ଗଞ୍ଜେଇ ଚାଲାଣ ବେଳେ ପାଇଲଟିଂ କରୁଥିବା ଦୁଇଟି ବାଇକ୍ (ନଂ.ଓଡ଼ି ୩୩ ଏଏନ୍-୧୦୦୨, ଓଡ଼ି୧୨ଜି-୬୫୭୩) ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ୫ ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନ୍ତର୍ଗତ କମ୍ବାରିକୁଆର ଦୃଷ୍ମନ୍ତ ମଲିକ (୧୯), ସେନାପତି ଗ୍ରାମର ଜିତେନ୍ଦ୍ର ମଲିକ (୨୬), ସିଙ୍ଗାମିଲା ଗ୍ରାମର ଡ୍ରାଇଭର ଅଜିତ କୁମାର ଦିଗାଲ (୩୫), ବିରଗୁଡା ଗ୍ରାମର ସତ୍ୟନାରାୟଣ ମଲ୍ଲିକ (୨୩), ପୁନିଅନ୍ତ ଗ୍ରାମର ପ୍ରକାଶ ମଲ୍ଲିକ (୧୯) ଓ ସୀତାପଡ଼ି ଗ୍ରାମର ସାମୁଏଲ ଦିଗାଲ (୩୮)। ଗଞ୍ଜେଇ କନ୍ଧମାଳରୁ ଆସିକା ଦେଇ ଭୁବନେଶ୍ୱର ଚାଲାଣ ହେଉଥିଲା ବୋଲି ଜେରା ବେଳେ ଜଣାପଡିଛି। ଜବତ ଗଞ୍ଜେଇ ଓ କାର ଓ ବାଇକର ମୂଲ୍ୟ ଆନୁମାନିକ ମୂଲ୍ୟ ୩୦ଲକ୍ଷ ଟଙ୍କା ହେବ। ଚଢ଼ଉରେ ଏସ୍‌ଆଇ ଅଜିତ କୁମାର ନାୟକ, କନେଷ୍ଟବଳ ସନ୍ତୋଷ ନାୟକ, କୁମୁଦ ପ୍ରଧାନ, ପବିତ୍ର ସାମଲ, ବଳରାମ ଜେନା ଓ ସରୋଜ ସାମଲ ସାମିଲ ଥିଲେ। ପ୍ରକାଶ ମଲ୍ଲିକ, ସତ୍ୟନାରାୟଣ ମଲ୍ଲିକ ଓ ସାମୁଏଲ ଦିଗାଲ ଆଦି ଅଭିଯୁକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଏହି ଗଞ୍ଜେଇ ଚାଲାଣ କରିବାକୁ ଏସକର୍ଟ କରି ନେଉଥିଲେ। ଏଥିପାଇଁ ଚାଲାଣକାରୀମାନେ ଏହି ୩ ଜଣଙ୍କୁ ୫ହଜାର ଟଙ୍କା ଦିଅନ୍ତି। ଡ୍ରାଇଭର ଅଜିତ ଏହି ଗଞ୍ଜେଇ ନେଇ ଭୁବନେଶ୍ୱରରେ ପହଞ୍ଚାଇଲେ ତାକୁ ୨୫ହଜାର ଟଙ୍କା ମିଳିଥାନ୍ତା। ସେ ପୂର୍ବରୁ ୩ଥର ଏଭଳି ଗଞ୍ଜେଇ ନେଇ ୭୫ହଜାର ଟଙ୍କା ପାଇଥିଲେ। ତେଣୁ ତାଙ୍କର ଲୋଭ ବଢ଼ିଯାଇଥିଲା। ବାରମ୍ବାର ଅବକାରୀ ହାତରୁ ମୁକୁଳି ଯାଉଥିବା ବେଳେ ଆଜି ଅବକାରୀ ଗୁଇନ୍ଦା ତାକୁ ଓ ଅନ୍ୟ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି। ତେବେ ଗତ ଗୁରୁବାର ଖଲ୍ଲିକୋଟ ସାନଘାଟି ଅଞ୍ଚଳରେ ଜବତ ଗଞ୍ଜେଇ ଓ ଅଭିଯୁକ୍ତଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ଅବକାରୀ ବିଭାଗ ଆଜି ଯାଞ୍ଚ କରି ସଫଳତା ପାଇଛି।



## ଓଡ଼ିଶା ସେଲସ୍ ରିପ୍ରେଜେଣ୍ଟେଟିଭି ୟୁନିୟନର ବୈଠକ




ବ୍ରହ୍ମପୁର,୧୪।୯ (ସମିସ): ସ୍ଥାନୀୟ ଲକ୍ଷଣ ନାୟକ କମ୍ୟୁନିଟ ହଲରେ ଓଡ଼ିଶା ସେଲସ ରିପ୍ରେଜେଣ୍ଟେଟିଭି ୟୁନିୟନ(ଓସୁର)ର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ଏ. ଭବାନି ଶଙ୍କର ପାତ୍ର ସଂଗଠନର ପତାକା ଉତ୍ତୋଳନ କରି ସମ୍ମିଳନୀର ଶୁଭାରମ୍ଭ କରିବା ସହ ସହିଦ୍ ଲକ୍ଷ୍ମଣ ନାୟକଙ୍କୁ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ସିଆଟିୟୁର ରାଜ୍ୟ ସଂପାଦକ ସୁଧିଷ୍ଠିର ବେହେରା ସମ୍ମିଳନୀକୁ ଉଦ୍‌ଘାଟନ କରି କେନ୍ଦ୍ର ସରକାରଙ୍କ ପୁଞ୍ଜିପତି ପୋଷଣ ନୀତିକୁ ବିରୋଧ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ସାଗର ପୃଷ୍ଟୀ ଯୋଗଦେଇ ମେଡିକାଲ୍ ରିପ୍ରେଜେଣ୍ଟେଟିଭର ସମ୍ପର୍କରେ ଆଲୋଚନା କରିଥିଲେ। ଓସୁର ଯୁଗ୍ମ ସାଧାରଣ ସମ୍ପାଦକ ଭାସ୍କର ମିଶ୍ର ଓ ନୃସିଂହ ପ୍ରସାଦ ବ୍ରହ୍ମା ସଂଗଠନର ଉନ୍ନତି ପାଇଁ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ସମ୍ପାଦକ ସୁବୋଧ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବି. ଅଜିତ କୁମାର ପାତ୍ର କୋଷାଧ୍ୟକ୍ଷ ବାର୍ଷିକ ହିସାବ ଦେଇଥିଲେ। ରାଷ୍ଟ୍ରାୟତ୍ତ ଔଷଧ ଶିଳ୍ପର ପୁନଃରୁଦ୍ଧାର କିବା, ଅନଲାଇନରେ ଔଷଧ ବିକ୍ରୀ ବନ୍ଦ କରିବା, ଅତ୍ୟାବଶ୍ୟକ ଔଷଧ ଉପରେ ଶତକଡ଼ା ୧୧ ପ୍ରତିଶତ ଦର ବୃଦ୍ଧି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ଆଦି ଦାବି କରାଯାଇଥିଲା। ବୈଠକରେ ଜିଲ୍ଲା ସମ୍ପାଦକ ଭାବେ ସୁବୋଧ କୁମାର ସାହୁ, ଜିଲ୍ଲା ସଭାପତି ଏ. ଭବାନି ଶଙ୍କର ପତ୍ର, ଜିଲ୍ଲା ଉପସଭାପତି ଆନନ୍ଦ ରାଓ, ଜିଲ୍ଲା କୋଷାଧ୍ୟକ୍ଷ ବି. ଅଜିତ ପାତ୍ର ଭାବେ ନିର୍ବାଚିତ ହୋଇଥିଲେ।

